# କରୋନା ମୁକାବିଲା ପାଇଁ ପରିବର୍ତ୍ତିତ ରଣନୀତି

## ଗ୍ରାମପଞ୍ଚାୟତ ସ୍ତରରେ କୋଭିଡ କେୟାର ହୋମ ଏବଂ ୱାର୍ଡସ୍ତରୀୟ କମିଟି ପରିଚାଳନା

ଗତ ୩ ମାସରୁ ଅଧିକ ସମୟ ଧରି କରୋନା ଆମ ଜନଜୀବନକୁ ଗଭୀର ଭାବେ ପ୍ରଭାବିତ କରିଛି । ରାଜ୍ୟବାସୀଙ୍କ ସହଯୋଗ ଏବଂ ସରକାରଙ୍କ ସମୟୋପଯୋଗୀ ପଦକ୍ଷେପ ଯୋଗୁଁ ଆମେ କରୋନା ନିୟନ୍ତ୍ରଣରେ ଭଲ ସ୍ଥିତିରେ ଥିଲେ ମଧ୍ୟ ଆସନ୍ତା ଦିନଗୁଡିକ ଆମ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ । କାରଣ ଲକ୍ ଡାଉନ ଧୀରେ ଧୀରେ ଖୋଲୁଛି । ଲୋକଙ୍କ ଯାତାୟତ ଓ ଗମନାଗମନ ମଧ୍ୟ ବଢିବାରେ ଲାଗିଛି । ଜୀବନ ସହିତ ଜୀବିକା ଉପରେ ଗୁରୁତ୍ୱ ଦେବାକୁ ପଡୁଛି । ସୁତରାଂ ଆମକୁ ଆଗାମୀ ଦିନରେ ଅଧିକ ସତର୍କ ରହିବାକୁ ପଡିବ । ଏହି ପରିବର୍ତ୍ତିତ ପରିସ୍ଥିତିରେ କରୋନା ମୁକାବିଲାର ରଣକୌଶଳ ବଦଳାଇବାକୁ ଯାଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଗୋଷ୍ଠୀ ସଚେତନତା ସହିତ କୋଭିଡ ପରିଚାଳନାର ବିକେନ୍ଦ୍ରୀକରଣକୁ ଗୁରୁତ୍ୱ ଦେଇ କୋଭିଡର ମୁକାବିଲା ପାଇଁ ଦୁଇଟି ବଡ ଘୋଷଣା କରିଛନ୍ତି । ଆସନ୍ତୁ, ଏହି କ୍ରମରେ ପଞ୍ଚାୟତ ସ୍ତରୀୟ କୋଭିଡ କେୟାର ହୋମ ଓ ୱାର୍ଡ ସ୍ତରୀୟ କମିଟି ସମ୍ବନ୍ଧରେ ବିସ୍ତୃତ ଭାବେ ଜାଣିବା ।

## କୋଭିଡ ପରିଚାଳନା କମିଟି

**ପ୍ରଶ୍ନ – କୋଭିଡ ପରିଚାଳନା କମିଟି କ'ଣ ଓ କିଏ ଏହାର ସଦସ୍ୟ ରହିବେ ?**

ଉତ୍ତର - ପ୍ରତ୍ୟେକ ରାଜସ୍ୱ ଗ୍ରାମରେ କରୋନା ସଂକ୍ରମଣର ପ୍ରତିରୋଧ ନିମନ୍ତେ ୱାର୍ଡ ସ୍ତରୀୟ କମିଟି ଗଠନ କରାଯିବ । ଏହି କମିଟିରେ ୱାର୍ଡ ସ୍ତରୀୟ ଲୋକପ୍ରତିନିଧି ଯଥା ସଂପୃକ୍ତ ୱାର୍ଡର ୱାର୍ଡ ସଦସ୍ୟଙ୍କ ସମେତ ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ଏ.ଏନ୍.ଏମ୍. ଏବଂ ସ୍ୱୟଂ ସହାୟକ ଗୋଷ୍ଠୀକୁ ନେଇ ଗଠିତ ଆଞ୍ଚଳିକ ମହାସଂଘ (ସି.ଏଲ୍.ଏଫ୍.)ର ସଭାପତି ଓ ସଂପାଦିକା ସଦସ୍ୟ ରହିବେ । ଗାଁରେ କାର୍ଯ୍ୟକ୍ଷମ ଥିବା ଗାଁ କଲ୍ୟାଣ ସମିତି ଆବଶ୍ୟକସ୍ଥଳେ ଅଧିକ ସଦସ୍ୟଙ୍କୁ ନେଇ ଏହି କୋଭିଡ ପରିଚାଳନା କମିଟି ଭାବରେ କାର୍ଯ୍ୟ କରିପରିବେ ।

**ପ୍ରଶ୍ନ – ୱାର୍ଡ ସ୍ତରୀୟ କୋଭିଡ ପରିଚାଳନା କମିଟିର କ'ଣ ଦାୟିତ୍ୱ ରହିବ ?**

ଉତ୍ତର – ଏହି କମିଟିକୁ ମହାମାରୀ ରୋଗ ନିୟନ୍ତ୍ରଣ ଆଇନରେ ଥିବା ବ୍ୟବସ୍ଥା ଅନୁଯାୟୀ ସ୍ୱତନ୍ତ୍ର କ୍ଷମତା ଦିଆଯିବ । ପ୍ରତି କମିଟିର ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାର କ୍ଷମତା ରହିବ । ଏହି କମିଟିର ପ୍ରତ୍ୟେକ ସଦସ୍ୟଙ୍କୁ କୋଭିଡ ପରିଚାଳନା ସମ୍ବନ୍ଧୀୟ ଯଥା ଗଣନା କାର୍ଯ୍ୟ ଯେପରି ଘରକୁ ଘର ବୁଲି ଲୋକଙ୍କ ଠାରୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ, ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଚାଳନା, କୋଭିଡ କେୟାର ହୋମ ପରିଚାଳନା, ସ୍ୱାସ୍ଥ୍ୟ ରକ୍ଷା, ଗୋଷ୍ଠୀ ସଚେତନତା ଇତ୍ୟାଦି ଉପରେ ପ୍ରଶିକ୍ଷଣ ଦିଆଯିବ । ଆବଶ୍ୟକ ସ୍ଥଳେ ଏହି କମିଟି ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକ ସହାୟତାରେ କୋଭିଡ ପରିଚାଳନା ନିମନ୍ତେ ମାସ୍କ ପ୍ରସ୍ତୁତି, କୋଭିଡ କେୟାର ହୋମ ଓ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବିଭିନ୍ନ ସେବା ଯୋଗାଣ, ସଚେତନତା କାର୍ଯ୍ୟକ୍ରମ ଇତ୍ୟାଦି କାର୍ଯ୍ୟ ସଂପାଦନ କରିବେ ।

**ପ୍ରଶ୍ନ – କରୋନା ଲକ୍ଷଣ ଥିବା ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ ପାଇଁ ଗଣନା କାର୍ଯ୍ୟ କିପରି କରାଯିବ ?**

ଉତ୍ତର –

- ଜିଲ୍ଲାପାଳଙ୍କ ଦ୍ୱାରା ଅନୁମୋଦିତ କାର୍ଯ୍ୟଖସଡା ପ୍ରକାରେ ଗଣନାକାରୀ ଦଳ ନିୟମିତ ଭାବେ ଘରକୁ ଘର ବୁଲି ଜନସାଧାରଣଙ୍କ ଠାରୁ ସ୍ୱାସ୍ଥ୍ୟ ସଂପର୍କିତ ତଥ୍ୟ ସଂଗ୍ରହ କରିବେ ।
- ଗଣନା ସମୟରେ ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ସହିତ ସଂପୃକ୍ତ ବ୍ୟକ୍ତିଙ୍କ କରୋନା ପରୀକ୍ଷା ଏବଂ ତାର ଉପଚାର ନିମନ୍ତେ ପରବର୍ତ୍ତୀ ଦକ୍ଷେପ ଗୁଡ଼ିକୁ ସୁନିଶ୍ଚିତ କରିବେ ।
- ଅଧିକ ସମ୍ବେଦନଶୀଳ ଅଞ୍ଚଳରେ ନିୟମିତ ଭାବେ ଗଣନା କାର୍ଯ୍ୟ କରାଯିବ ।

**ପ୍ରଶ୍ନ – ଅସୁରକ୍ଷିତ ବର୍ଗର ବ୍ୟକ୍ତିବିଶେଷଙ୍କ ପାଇଁ ସୁରକ୍ଷା କାର୍ଯ୍ୟ କିଭଳି ରହିବ ?**

ଉତ୍ତର – ୱାର୍ଡ ମଧ୍ୟରେ ଥିବା ସମସ୍ତ ଅସୁରକ୍ଷିତ ବର୍ଗର ବ୍ୟକ୍ତି ଯେପରିକି ୬୫ ବର୍ଷର ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି, ୧୦ ବର୍ଷରୁ କମ ଶିଶୁ, ଗର୍ଭବତୀ ମହିଳା ଏବଂ ବୟସାଧିକ୍ୟ ଯୋଗୁଁ ବିଭିନ୍ନ ରୋଗ ଯଥା ଉଚ୍ଚ ରକ୍ତଚାପ ଓ ମଧୁମେହରେ ଆକ୍ରାନ୍ତ ବ୍ୟକ୍ତିବିଶେଷ କମିଟିର ତୀକ୍ଷ୍ଣ ନଜରରେ ରହିବେ ଏବଂ ସେମାନଙ୍କୁ ପ୍ରତିଷେଧାତ୍ମକ ପଦକ୍ଷେପ ନେବା ପାଇଁ ସଚେତନ କରାଯିବ । ଏହି ଅସୁରକ୍ଷିତ ବର୍ଗର ଲୋକେ କରୋନା ପଜିଟିଭ ହେଲେ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଚିକିତ୍ସା ବ୍ୟବସ୍ଥା କରାଇବା ପାଇଁ କମିଟି ପଦକ୍ଷେପ ନେବ ।

## ପଞ୍ଚାୟତସ୍ତରୀୟ କୋଭିଡ କେୟାର ହୋମ

**ପ୍ରଶ୍ନ – କୋଭିଡ କେୟାର ହୋମର ଆବଶ୍ୟକତା କାହିଁକି ?**

ଉତ୍ତର – ରାଜ୍ୟ ବାହାରେ ରହୁଥିବା ଆମର ପ୍ରାୟ ୫ ଲକ୍ଷରୁ ଅଧିକ ପ୍ରବାସୀ ଇତି ମଧ୍ୟରେ ଓଡ଼ିଶା ଫେରିଛନ୍ତି । ସେମାନଙ୍କ ପାଇଁ ପ୍ରତି ପଞ୍ଚାୟତରେ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ବା ଟି.ଏମ୍.ସି.ର ବ୍ୟବସ୍ଥା ରହିଛି । ଯେଉଁଠାରେ ସେମାନଙ୍କ ଉପଯୁକ୍ତ ଯତ୍ନ ନିଆଯିବା ସହିତ ସଙ୍ଗରୋଧ ଅବଧି ସଂପୂର୍ଣ୍ଣ କରାଯାଇପାରୁଛି । ବର୍ତ୍ତମାନ ପ୍ରବାସୀ ମାନଙ୍କର ଆଗମନ କମିବାରେ ଲାଗିଛି । ଅନେକ ଟି.ଏମ୍.ସି.ର କାର୍ଯ୍ୟ ମଧ୍ୟ ଶେଷ ହୋଇଗଲାଣି । ସୁତରାଂ ପ୍ରତି ପଞ୍ଚାୟତ ସ୍ତରରେ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିବର୍ତ୍ତେ କୋଭିଡ କେୟାର ହୋମର ବ୍ୟବସ୍ଥା କରାଯାଇଛି । ଯେଉଁଠି ଥଣ୍ଡା, ଜ୍ୱର ଓ କାଶ ଲକ୍ଷଣ ଥିବା ବ୍ୟକ୍ତିମାନଙ୍କୁ ସିଧାସଳଖ ହସ୍‌ପିଟାଲ ନିଆନଯାଇ କୋଭିଡ କେୟାର ହୋମ୍‌କୁ ଅଣାଯିବ । ପରୀକ୍ଷା ପରେ ଯଦି କୋଭିଡ ପଜିଟିଭ ଆସେ, ତେବେ ଯାଇ ସେମାନଙ୍କୁ କୋଭିଡ ହସ୍‌ପିଟାଲକୁ ପଠାଯିବ । ଅନ୍ୟଥା ସେ ଘରେ ରହି ଚିକିତ୍ସିତ ହୋଇପାରିବେ ।

**ପ୍ରଶ୍ନ – ପଞ୍ଚାୟତ ସ୍ତରୀୟ କୋଭିଡ କେୟାର ହୋମ କେଉଁଠାରେ ପରିଚାଳିତ ହେବ ?**

ଉତ୍ତର – ଯେକୌଣସି ସରକାରୀ (ଶିକ୍ଷାନୁଷ୍ଠାନ ବ୍ୟତୀତ) କିମ୍ବା ଭଡା ସୂତ୍ରରେ ଘରୋଇ କୋଠାକୁ ପଞ୍ଚାୟତ ସ୍ତରରେ କୋଭିଡ କେୟାର ହୋମ ଭାବେ ବ୍ୟବହାର କରାଯାଇପାରିବ । ଏଥିରେ ୧୦ ରୁ ୨୦ ଜଣ ବ୍ୟକ୍ତିଙ୍କ ପାଇଁ ଶଯ୍ୟା ବ୍ୟବସ୍ଥା କରାଯିବ । ଏହି କୋଭିଡ କେୟାର ହୋମ ଜନଗହଳିପୂର୍ଣ୍ଣ ସ୍ଥାନ ଠାରୁ ଦୂରରେ ରହିବା ଆବଶ୍ୟକ ।

**ପ୍ରଶ୍ନ – କୋଭିଡ କେୟାର ହୋମର ପ୍ରମୁଖ କାର୍ଯ୍ୟ ସବୁ କ'ଣ ?**

ଉତ୍ତର –

- ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଥିବା କରୋନା ସଂକ୍ରମଣ ସନ୍ଦିଗ୍ଧ ବ୍ୟକ୍ତି ଏବଂ ଥଣ୍ଡା, ଜ୍ୱର, କାଶ ଆଦି ଲକ୍ଷଣ ଥିବା ବ୍ୟକ୍ତିମାନଙ୍କ କୋଭିଡ ନମୁନା ପରୀକ୍ଷା ହେବା ପର୍ଯ୍ୟନ୍ତ ପ୍ରାଥମିକ ସଙ୍ଗରୋଧ ନିମନ୍ତେ ଏହି କୋଭିଡ କେୟାର ହୋମ ବ୍ୟବହୃତ ହେବ ।
- କରୋନା ସଂକ୍ରମଣ ପ୍ରତିରୋଧ ନିମନ୍ତେ ଲକ୍ଷଣ ପ୍ରକାଶ ପାଉଥିବା କିମ୍ବା ସନ୍ଦିଗ୍ଧ ବ୍ୟକ୍ତି ଯେପରି ସିଧାସଳଖ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଯିବେ ନାହିଁ ସେହି ଉଦ୍ଦେଶ୍ୟରେ କୋଭିଡ କେୟାର ହୋମର ବ୍ୟବସ୍ଥା କରାଯାଇଛି ।
- କୋଭିଡ କେୟାର ହୋମରେ ଥିବା ବ୍ୟକ୍ତିଙ୍କର ନମୁନା ପଜିଟିଭ ଆସିଲେ ସଂପୃକ୍ତ ବ୍ୟକ୍ତିଙ୍କୁ କୋଭିଡ କେୟାର ହୋମରୁ ନିକଟସ୍ଥ ସ୍ଥିରୀକୃତ କୋଭିଡ ଚିକିତ୍ସାଳୟକୁ ନିଆଯିବ ଚିକିତ୍ସା କରାଯିବ ।

**ପ୍ରଶ୍ନ – କୋଭିଡ କେୟାର ହୋମର ପରିଚାଳନା ନିମନ୍ତେ କେଉଁଭଳି ଆର୍ଥୀକ ବ୍ୟବସ୍ଥା ରହିଛି ?**

ଉତ୍ତର – ଗ୍ରାମ ପଞ୍ଚାୟତର ପ୍ରତ୍ୟକ୍ଷ ଦାୟିତ୍ୱରେ ଗୋଟିଏ ବର୍ଷ ପାଇଁ କୋଭିଡ କେୟାର ହୋମ ପରିଚାଳିତ ହେବ । ଏଥିନିମନ୍ତେ ରାଜ୍ୟ ତଥା କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନରୁ ପାଣ୍ଠି ବ୍ୟବସ୍ଥା କରାଯାଇଛି ।

**ପ୍ରଶ୍ନ – କ୍ଲଷ୍ଟର ସ୍ତରୀୟ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର କିପରି କାର୍ଯ୍ୟ କରିବ ?**

ଉତ୍ତର – ବହୁ ସଂଖ୍ୟାରେ ପ୍ରବାସୀ ଶ୍ରମିକ ରାଜ୍ୟକୁ ଫେରିବା ପରେ ସେମାନଙ୍କ ସଙ୍ଗରୋଧ କାର୍ଯ୍ୟ ନିମନ୍ତେ ପ୍ରତି ପଞ୍ଚାୟତରେ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯାଇଥିଲା । ଇତି ମଧ୍ୟରେ ପ୍ରବାସୀ ମାନଙ୍କ ଆଗମନ ହ୍ରାସ ପାଇବାରେ ଲାଗିଛି । ଯାହାଫଳରେ ଅନେକ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରର କାର୍ଯ୍ୟ ଶେଷ ହୋଇ ଆସିଲାଣି । ଏଣୁ ବର୍ତ୍ତମାନ ପ୍ରତି ପଞ୍ଚାୟତରେ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲା ନଯାଇ କେତୋଗୋଟି ଗ୍ରାମ ପଞ୍ଚାୟତକୁ ନେଇ କ୍ଲଷ୍ଟର ସ୍ତରରେ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବା ପାଇଁ ବ୍ୟବସ୍ଥା କରାଯାଇଛି । ଯଦି କେହି ପ୍ରବାସୀ ବର୍ତ୍ତମାନ ରାଜ୍ୟକୁ ଫେରନ୍ତି ତେବେ ସେମାନଙ୍କୁ ସେଠାରେ ସଙ୍ଗରୋଧ ସୁବିଧା ପ୍ରଦାନ କରାଯିବ ।

**ପ୍ରଶ୍ନ – କୋଭିଡ ସଂକ୍ରମଣ ପରିପ୍ରେକ୍ଷୀରେ ଟେଲିମେଡିସିନ ସୁବିଧାର ବ୍ୟବହାର କିପରି କରାଯିବ ?**

ଉତ୍ତର – ନିଜ ଘରେ କିମ୍ବା କୋଭିଡ କେୟାର ହୋମରେ ସଙ୍ଗରୋଧରେ ରହିଥିବା ବ୍ୟକ୍ତିଙ୍କ ପାଇଁ ଟେଲିମେଡିସିନ ସୁବିଧାର ବ୍ୟବସ୍ଥା କରାଯାଇଛି । ଲକ୍ଷଣ ପ୍ରକାଶ ପାଉନଥିବା ନଥିବା କିମ୍ବା କମ ଲକ୍ଷଣ ଥିବା ବ୍ୟକ୍ତି ମାନେ କ୍ଷେତ୍ର ସ୍ତରୀୟ ସ୍ୱାସ୍ଥ୍ୟ କର୍ମକର୍ତ୍ତାଙ୍କ ଜରିଆରେ ଟେଲିମେଡିସିନର ସୁବିଧା ନେଇ ଚିକିତ୍ସିତ ହୋଇପାରିବେ । ଏହା ଦ୍ୱାରା କରୋନା ରୋଗର ଚିକିତ୍ସା ପାଇଁ ଖୋଲାଯାଇଥିବା ସ୍ୱତନ୍ତ୍ର ହସ୍‌ପିଟାଲ ଗୁଡିକ ଉପରେ ଚାପ କମ ରହିବ ।